ଗୁଣ୍ଡିଚା ଯାତ୍ରା

ହରିଶ୍ଚନ୍ଦ୍ର ବେହେରା

ନୀଳାଚଳ କ୍ଷେତ୍ର ନାମଟି ନୀଳଗିରି ବା ନୀଳ ପର୍ବତ ନାମରୁ ଆସିଛି । କ୍ଷେତ୍ରର ମଧ୍ୟସ୍ଥଳରେ ବିଦ୍ୟମାନ ଶ୍ରୀମନ୍ଦିର । ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ବିରାଜମାନ କରନ୍ତି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଶ୍ରୀସୁଭଦ୍ରା, ସୁଦର୍ଶନ ଓ ଅନ୍ୟାନ୍ୟ ଦେବାଦେବୀମାନେ । ଜଗନ୍ନାଥ ସଂସ୍କୃତି ପୃଥିବୀର ଏକ ପ୍ରାଚୀନତମ ସଂସ୍କୃତି । ଚାରି ଧାମ ଉତ୍ତରରେ ବଦ୍ରିନାଥ ଧାମ, ଦକ୍ଷିଣରେ ରାମେଶ୍ୱରମ୍, ପଶ୍ଚିମରେ ଦ୍ୱାରିକାନାଥ ଧାମ ଓ ପୂର୍ବରେ ଜଗନ୍ନାଥ ଧାମ । ତନ୍ମଧ୍ୟରୁ ଜଗନ୍ନାଥ ଧାମ ଶ୍ରେଷ୍ଠ ଅଟନ୍ତି । ଶ୍ରୀଜଗନ୍ନାଥ ଯଦିଓ ହିନ୍ଦୁମାନଙ୍କର ଆରାଧ ଦେବତା ତଥାପି ରଥଯାତ୍ରା ସମୟରେ ତଥା ଅନ୍ୟାନ୍ୟ ସମୟରେ ପୃଥିବୀର ବିଭିନ୍ନ କୋଣ ଅନୁକୋଣରୁ ବିଭିନ୍ନ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ଶ୍ରୀଜଗନ୍ନାଥ ସମନ୍ୱୟର ଦେବତା । ତାଙ୍କଠାରେ କୌଣସି ଧର୍ମ ବା ଜାତିର ବିଚାର ନଥାଏ । ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ଜୈନ, ବୁଦ୍ଧ, ନାନକ, ଆର୍ଯ୍ୟ, ଅନାର୍ଯ୍ୟ ସମସ୍ତଙ୍କର ସେ ଦେବତା ଅଟନ୍ତି । ବହୁ ମତବାଦୀ ଧର୍ମାବଲମ୍ବୀମାନେ ଏହି କ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କର ମହିମା ଓ ପ୍ରଶସ୍ତି ଗାନ କରିଛନ୍ତି । ପରିଶେଷରେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଗନ୍ନାଥ ଧର୍ମରେ ଦୀକ୍ଷିତ ହୋଇଛନ୍ତି ।

ଯେଉଁଠାରେ ମନୁଷ୍ୟମାନଙ୍କର ସମସ୍ତ ପାପ କ୍ଷୟ ହୁଏ, ତାକୁ ହିଁ କ୍ଷେତ୍ର କୁହାଯାଏ । ସ୍ୱୟଂ ଜଗନ୍ନାଥ ଯେଉଁଠି ସର୍ବଦା ବିରାଜମାନ ହୁଅନ୍ତି, ତାହା ହିଁ ଶ୍ରୀକ୍ଷେତ୍ର ତଥା ପୁରୁଷୋତ୍ତମ ଅଟନ୍ତି ।

ଏଠାରେ କ୍ଷେତ୍ର ଓ କ୍ଷେତ୍ରାଧିପତି ଉଭୟେ ରାଜା ଅର୍ଥାତ୍ ଶ୍ରେଷ୍ଠ ଅଟନ୍ତି । ଭାରତ କିମ୍ବା ପୃଥିବୀର କୌଣସିଠାରେ କ୍ଷେତ୍ର ଓ କ୍ଷେତ୍ରାଧିପତି ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଥିବାର ଦେଖାଯାଏ ନାହିଁ ।

ଏହି କ୍ଷେତ୍ରର ଲମ୍ବ ଦଶ ଯୋଜନ ତଥା ପ୍ରସ୍ଥ ପାଞ୍ଚ ଯୋଜନ ଅଟେ । ଏହି କ୍ଷେତ୍ର ନାନା ଆଶ୍ଚର୍ଯ୍ୟ ଘଟଣାବଳୀରେ ପରିପୂର୍ଣ୍ଣ ଏବଂ ଏହି କ୍ଷେତ୍ର ସମଗ୍ର କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ହୋଇଥିବାରୁ ଅତ୍ୟନ୍ତ ଦୁର୍ଲ୍ଲଭ ଅଟନ୍ତି ।

ଏହି କ୍ଷେତ୍ରର ଆକୃତି ଶଙ୍ଖାକୃତି ହୋଇଥିବାରୁ ଏହାକୁ ସ୍କନ୍ଦପୁରାଣ ଅନ୍ତର୍ଗତ ଉତ୍କଳଖଣ୍ଡରେ ଶଙ୍ଖକ୍ଷେତ୍ର ବୋଲି ବର୍ଣ୍ଣନା କରାଯାଇଛି । ଏହି କ୍ଷେତ୍ରର ମହିମାକୁ ବିଭିନ୍ନ ପୁରାଣ ଉପନିଷଦ୍ କାବ୍ୟମାନଙ୍କରେ ସବିଶେଷ ଭାବରେ ବର୍ଣ୍ଣନା କରାଯାଇଛି ।

ଏହି କ୍ଷେତ୍ର ଯେତିକି ରହସ୍ୟମୟ, ଏହାର କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥ ମହାପ୍ରଭୁ ତତୋଧିକ ରହସ୍ୟମୟ ଅଟନ୍ତି । ସେଥିପାଇଁ କୁହାଯାଇଛି–

ରହସ୍ୟ ପୁରୁଷୋତ୍ତମସ୍ୟ ଦେବାଃ ନଜାନନ୍ତି କୁତଃ ମନୁଷ୍ୟ, ଅର୍ଥାତ୍ ପୁରୁଷୋତ୍ତମ କ୍ଷେତ୍ରର ରହସ୍ୟ ଦେବତାମାନଙ୍କୁ ଅଗୋଚର ଥିବାବେଳେ ଛାର ମନୁଷ୍ୟ ତାହାର ଭେଦ କ'ଣ ପାଇବ ।

ଲକ୍ଷେ ଶାଳଗ୍ରାମ ଉପରେ ନିର୍ମିତ ରତ୍ନବେଦୀ ବା ରତ୍ନ ସିଂହାସନ ଉପରେ ବସିଛନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ସୁଦର୍ଶନ ।

ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟା ଦିନ ରଥଯାତ୍ରା ଆରମ୍ଭ ହୁଏ । ନବଦିନ ପାଇଁ ଶ୍ରୀଜଗନ୍ନାଥ ଭାଇ ଭଉଣୀ ସହିତ ନିଜ ନିଜ ରଥାରୋହଣ କରି ମାଉସୀ ମା' ମନ୍ଦିର ଅର୍ଥାତ୍ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ସମସ୍ତଙ୍କ ପାଇଁ ମଙ୍ଗଳ ଉଦ୍‌ଘୋଷଣ କରୁଥିବାରୁ ଏହାକୁ ଘୋଷଯାତ୍ରା ମଧ କୁହାଯାଏ । ମଙ୍ଗଳାରୋପଣ ସମୟରେ ବିଦ୍ୟାପତି ବଂଶଜ କୌଣ୍ଡିନ୍ୟ ଗୋତ୍ରାଧିପତି ପତିମହାପାତ୍ରେ ସଂକଳ୍ପ ପାଠ କରନ୍ତି ।

ଆଷାଢ ଶୁକ୍ଳ ଦ୍ୱିତୀୟା ପୂର୍ବଦିନ ଅର୍ଥାତ୍ ପ୍ରତିପଦା ତିଥିରେ ସ୍ୱୟଂ ପ୍ରଭୁ ଜଗନ୍ନାଥ ପ୍ରାତ୍ୟକୃତ୍ୟ ସମାପନ କରି ମହାସ୍ନାନ କରନ୍ତି । ସେହି ଦିନ ନବଯୌବନ ବେଶ ଧାରଣ କରନ୍ତି । ଏହାପରେ ସେ ବିଧିବିଧାନର ସହ ପାରମ୍ପରିକ ରୀତିରେ ନିତ୍ୟ ଉପଚାର ପୂଜା ଗ୍ରହଣ କରନ୍ତି । ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ରଥ ତ୍ରୟକୁ ସେଦିନ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସ୍ଥାପନ କରାଯାଏ ଏବଂ ବିଧିବିଧାନ ସହ ରଥ ପ୍ରତିଷ୍ଠା କରାଯାଏ । ଏହା ପରଦିନ ଅର୍ଥାତ୍ ଦ୍ୱିତୀୟା ତିଥିରେ ବ୍ରାହ୍ମ ମୁହୂର୍ତ୍ତରେ ବିଶ୍ୱାବସୁ ଓ ବିଦ୍ୟାପତି ବଂଶଜ ସେବକମାନେ ପ୍ରଭୁଙ୍କ ନିଦ୍ରା ଭଙ୍ଗ କରନ୍ତି । ମହାପ୍ରଭୁ ପ୍ରାତଃକୃତ୍ୟ ସମାପନ କରି ବିଧି ବିଧାନର ସହ ସମସ୍ତ ଉପଚାରର ପୂଜା ଗ୍ରହଣ କରନ୍ତି । ଏହି ସମୟରେ ମଙ୍ଗଳାରୋପଣ ଏବଂ ବନ୍ଦାପନା ସମସ୍ତ କର୍ମ ଖୁବ୍‌ଶୀଘ୍ର ସମାପ୍ତ ହେବାପରେ ଗଜପତି ମହାରାଜା ଠାକୁରମାନଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ପ୍ରଭୁଙ୍କୁ ଘୋଷଯାତ୍ରାକୁ ବିଜେ କରିବା ଲାଗି ନିବେଦନ କରନ୍ତି ।

ମୃଦଙ୍ଗ, କଂସାଳ, ଶଙ୍ଖ, ଘଣ୍ଟା, ଭେରୀ, ତୂରୀ ଆଦି ନାନାଦି ବାଦ୍ୟ ବାଦନରେ ଶ୍ରୀକ୍ଷେତ୍ର ଆନନ୍ଦ ମୁଖରିତ ହୋଇଉଠେ । ଛତ୍ର, ଚାମର ଆଲଟ, ତରାସ ଆଦି ଆନ୍ଦୋଳିତ କରିବା ପାଇଁ ନିଯୁକ୍ତ ହୋଇଥିବା ସେବକମାନେ ସେବା କରୁଥାନ୍ତି । ବିପ୍ରମାନଙ୍କର ବେଦପାଠ ଏବଂ ଭକ୍ତମାନଙ୍କର ହରିବୋଲ ଧ୍ୱନି ମଧ୍ୟରେ ପ୍ରଭୁଙ୍କର ପହଣ୍ଡିବିଜେ ଆରମ୍ଭ ହୋଇଥାଏ । ପହଣ୍ଡିରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ କ୍ରମାନ୍ୱୟରେ ପହଣ୍ଡି ଯାତ୍ରା ଆରମ୍ଭ କରନ୍ତି । ଠାକୁରମାନେ ରଥ ପରିକ୍ରମା କରି ରଥ ଉପରେ ବିଜେ କରନ୍ତି । ଠାକୁରମାନେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ସପ୍ତ ପାହାଚ ଅତିକ୍ରମ କରି ଲକ୍ଷ୍ମୀମନ୍ଦିର ସମ୍ମୁଖରେ ଥିବା ପ୍ରଶସ୍ତ ପ୍ରାଙ୍ଗଣକୁ ଆସନ୍ତି । ଏହାପରେ ପୂର୍ବମୁଖା ହୋଇ ଆନନ୍ଦ ବଜାରକୁ ଆସି ପୁଣି ଦକ୍ଷିଣ ମୁଖା ହୋଇ ବାଇଶି ପାହାଚ ଉପରକୁ ଆସନ୍ତି । ଏହାପରେ ପୂର୍ବମୁଖା ହୋଇ ବାଇଶି ପାହାଚ ଅତିକ୍ରମ କରି ବଡଦାଣ୍ଡକୁ ଆସନ୍ତି ।

ପାହୁଣ୍ଡ ବା ପହୁଣ୍ଡ ଆଦି ଶବ୍ଦରୁ ପହଣ୍ଡି ଶବ୍ଦର ଉତ୍ପତ୍ତି । ପହଣ୍ଡି ହେବା ଅର୍ଥାତ୍ ଧୀରେ ଧୀରେ ଅଗ୍ରସର ହେବା । ସୁଦର୍ଶନ ଓ ସୁଭଦ୍ରାଙ୍କୁ ଦଇତାମାନେ ସମ୍ମିଳିତ ଭାବରେ ଉତ୍ତୋଳନ କରି ଆଣୁଥିବା ବେଳେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପହଣ୍ଡେଇ ଆଣନ୍ତି, ଅର୍ଥାତ୍ ପାହୁଣ୍ଡ ପାହୁଣ୍ଡ ହୋଇ ଆଗକୁ ଆଗକୁ ଆସନ୍ତି, ପୁଣି ଟିକିଏ ଥକ୍କା ମାରି ଆଗକୁ ପାହୁଣ୍ଡ ପକାନ୍ତି । ଏହା ପ୍ରଭୁଙ୍କର ଲୀଳା ।

କିଏ କୁହେ ମହାପ୍ରଭୁଙ୍କର ପାଦ ନାହିଁ ବୋଲି, କିଏ କୁହେ ହାତ ନାହିଁ, କିଏ କୁହେଁ କାନ ନାହିଁ । ପ୍ରଭୁଙ୍କର ସବୁ କିଛି ଅଛି ପୁଣି ସବୁ କିଛି ନାହିଁ । ପ୍ରଭୁଙ୍କର କଳେବର ତ ଦାରୁରେ ନିର୍ମିତ ଓ ସେଥିରେ ପୁଣି ବ୍ରହ୍ମ ଯୁକ୍ତ ହୋଇଛନ୍ତି । ସେଥିପାଇଁ ତ ସିଏ ଦାରୁବ୍ରହ୍ମ ଭାବରେ ଜଗତ ବିଖ୍ୟାତ । ଦାରୁ ସ୍ଥୂଳରୂପୀ ହେଲେ ବ୍ରହ୍ମ ସୂକ୍ଷ୍ମରୂପୀ ଅଟନ୍ତି । ଏହାହିଁ ଦାରୁବ୍ରହ୍ମଙ୍କର ରହସ୍ୟ ।

ତାଙ୍କର ପାଦ ନାହିଁ କିନ୍ତୁ ସେ ଚାଲୁଛନ୍ତି, ତାଙ୍କର ହାତ ନାହିଁ କିନ୍ତୁ ସେ ନାନାବିଧ କର୍ମମାନ କରୁଛନ୍ତି, ତାଙ୍କର ମୁଖ ନାହିଁ କିନ୍ତୁ ସବୁ ରସାସ୍ୱାଦନ କରୁଛନ୍ତି, ତାଙ୍କର କାନ ନାହିଁ କିନ୍ତୁ ସେ ସବୁ ଶୁଣିପାରୁଛନ୍ତି, ତାଙ୍କର ଆଖିନାହିଁ କିନ୍ତୁ ସେସବୁ ଦେଖୁଛନ୍ତି, ତାଙ୍କର ଦେହ ନାହିଁ କିନ୍ତୁ ସବୁ ସ୍ପର୍ଶକୁ ଅନୁଭବ କରିପାରୁଛନ୍ତି । ଏହା ହିଁ ହେଉଛି ବ୍ରହ୍ମ ଚେତନାର ଉତ୍ସ । ବ୍ରହ୍ମ ସର୍ବତ୍ର ବିଦ୍ୟମାନ କିନ୍ତୁ ତାଙ୍କୁ ସର୍ବତ୍ର ଦେଖି ହୁଏନାହିଁ, ସ୍ପର୍ଶ କରିହୁଏ ନାହିଁ ମାତ୍ର ଜ୍ଞାନ ଚକ୍ଷୁରେ ଜ୍ଞାନୀମାନେ, ଋଷିମାନେ ଜାଣିପାରନ୍ତି, ଦେଖିପାରନ୍ତି ।

ବଡ ଠାକୁର ତାଳଧ୍ୱଜ ରଥରେ ବିଜେ କରନ୍ତି । ତାଙ୍କର ଆୟୁଧ ହଳ ଓ ମୂଷଳ ଅଟେ । ଏହି ରଥର ଚକ ସଂଖ୍ୟା ୧୪ ଓ ଏହାର ଉଚ୍ଚତା ୩୨ହାତ ୧୦ ଆଙ୍ଗୁଳ । ଏହା ୭୬୩ଟି କାଠ ଦ୍ୱାରା ନିର୍ମିତ ହୋଇଥାଏ । ରଥର ଆବରଣ ରକ୍ତ ନୀଳ । ଏହି ରଥର ରକ୍ଷକ ହେଲେ ବାସୁଦେବ ।

ଏହାର ଭଦ୍ରପୀଠ ହେଲା– ଅଷ୍ଟଦଳ ପଦ୍ମ । ଅନନ୍ତ ନାଗ ହେଲେ ରଥମୂର୍ଦ୍ଧନି ଦେବତା । ରଥର ସାରଥୀଙ୍କ ନାମ ହେଲା ମାତଳୀ । ଏହାର ଦ୍ୱାରପାଳ ହେଲେ ନନ୍ଦ ଓ ସୁନନ୍ଦ । ରଥ ରକ୍ଷକ ଭାସ୍କର । ରଥର ଚାରି ଅଶ୍ୱମାନେ ହେଲେ ତୀବ୍ର, ଘୋର, ଦୀର୍ଘଶ୍ରମ ଓ ସ୍ୱର୍ଣ୍ଣନାଭ । ରଥରଜ୍ଜୁ ହେଉଛନ୍ତି ବାସୁକୀ । ରଥର ପାର୍ଶ୍ୱଦେବତାଗଣ ହେଲେ– ପ୍ରାଣମ୍ଭାରୀ, ଗଦାନ୍ତକାରୀ, ହରିହର, ତ୍ର୍ୟେମ୍ବକ, ବାସୁଦେବ, ନାଟ୍ୟାମ୍ବର, ଅଘୋର ଓ ତ୍ରିପୁରାରି ଶିବ । ଏହାର ଚର ଦେବତା ଦ୍ୱୟ ହେଲେ ବ୍ରହ୍ମା ଓ ଶିବ । ରଥ ମୂର୍ଦ୍ଧି ହେଲେ– କେତୁଭଦ୍ରା । ଏଥିରେ ରଥ ଭୈରବ ହେଲେ କ୍ଷେତ୍ରପାଳ ଓ ରଥ ଗନ୍ଧର୍ବ ହେଲେ ହୁ ହୁ । ରଥ ଚାରଣ କରନ୍ତି ମହାସିଦ୍ଧ, ଉଲେମୀ ଓ ଗର୍ଭାଧିଶ୍ୱରୀ । ରଥର ଋଷିପଟାରେ ବିରାଜମାନ କରିଥାନ୍ତି ଅଙ୍ଗିରା, ପୌଲସ୍ତ୍ୟ, ପୁଲ୍ଲହ, ଅଗସ୍ତି, କୃଷ୍ଣ, ମୁଦ୍ଗଲ, ଆତ୍ରେୟ ଓ କାଶ୍ୟପ । ରଥ କୁମ୍ଭର ନାମ ହେଲା ଭୁବନ, ବିମ୍ବ, ପୃଥିବୀ, ଚକ୍ରାୟୁଧ ଓ ହୁଁ ବୀଜ । ରଥ ନେତର ନାମ ହେଲା ଉନ୍ନନି । ଏହାର ଶକ୍ତିମାନେ ହେଲେ ତୁଙ୍ଗା, ତୁଙ୍ଗଭଦ୍ରା, ପ୍ରଭା, ସୁପ୍ରଭା, ଧାତ୍ରୀ, ବିଧାତ୍ରୀ, ନନ୍ଦା ଓ ସୁନନ୍ଦା ।

ଦେବୀ ସୁଭଦ୍ରା ଏବଂ ସୁଦର୍ଶନ ଦ୍ୱିତୀୟ ରଥ ଦର୍ପଦଳନ ବା ଦେବୀଦଳନ ରଥରେ ବିଜେ କରନ୍ତି । ଏହି ରଥ ଦେବତାମାନଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । ପହଣ୍ଡି ସମୟରେ ସୁଦର୍ଶନ ସର୍ବପ୍ରଥମେ ଏହି ରଥରେ ବିଜେ ହୁଅନ୍ତି । ଦେବୀ ସୁଭଦ୍ରାଙ୍କର ଆୟୁଧ ପଦ୍ମକହ୍ଲାର ଅଟେ । ରଥର ଉଚ୍ଚତା ହେଲା ଏକତିରିଶ ହାତ । ଏହା ୫୯୩ଖଣ୍ଡ କାଠରେ ନିର୍ମିତ ହୋଇଥାଏ । ରଥରେ ବାରଟି ଚକ, ବର୍ଷର ବାରମାସର ପ୍ରତୀକ ଏବଂ ଆବରଣ ହେଲା କୃଷ୍ଣ ଲୋହିତ । ରଥର ରକ୍ଷକ ହେଲେ ଜୟଦୁର୍ଗା । ରଥର ସାରଥୀଙ୍କ ନାମ ହେଲା ଅର୍ଜୁନ । ଏହାର ଦ୍ୱାର ପାଳିକା ହେଲେ ଦ୍ୱାଦଶା ବରଣ ଭୁବନେଶ୍ୱରୀ, ଚକ୍ର, ଗଙ୍ଗା ଓ ଯମୁନା । ଦର୍ପଦଳନର ଚାରୋଟି ଅଶ୍ୱ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା । ରଥ ରଜ୍ଜୁ ହେଲେ ସ୍ୱର୍ଣ୍ଣଚୂଡ ନାମକ ନାଗ । ଉଗ୍ରଚଣ୍ଡୀ ଏହି ରଥକୁ ରକ୍ଷା କରନ୍ତି । ରଥରପାର୍ଶ୍ୱ ଦେବୀଗଣ ହେଲେ ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡୀକା, ମଙ୍ଗଳା, ବାରାହୀ, କାତ୍ୟାୟିନୀ, ଜୟଦୁର୍ଗା ଓ କାଳୀ । ରଥ ଶିରର ଦେବତା ହେଲେ ଭକ୍ତିର୍ସମେଧ । ରଥ ଧ୍ୱଜାରେ ତ୍ରିପୁରା ସୁନ୍ଦରୀ ବିରାଜମାନ । ଏହି ରଥରେ ଚାମର ସେବା କରନ୍ତି ସୁମେଧା ଦେବୀ । ରଥର ଦେବୀ ହେଲେ ଶ୍ରୀଭୂ । ଦର୍ପଦଳନ ରଥର ମୁଖ ହେଲା ବ୍ରହ୍ମକର୍ତ୍ତା । ଏହି ରଥର ଗନ୍ଧର୍ବଙ୍କ ନାମ ହେଲା ହା ହା ଓ ଯକ୍ଷଙ୍କ ନାମ ହେଲା ଙ୍କିଜଳିକା । ରଥ ଚାରଣଙ୍କ ନାମ ହେଉଛି ମହାକର । ଋଷି ପଟାରେ ବିରାଜମାନ କରୁଥିବା ଛଅଜଣ ଋଷି ହେଲେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ ଓ ଭଲ୍ଲୁକ । ରଥ କୁମ୍ଭର ନାମ ହେଲା ଅମୃତା, ଜୀବା, କାୟ, ହ୍ରିଂବୀଜ । ରଥ ନେତର ନାମ ହେଲା ନାଦାମ୍ବିକା । ରଥ ଗର୍ଭର ଅଧିଶ୍ୱରୀମାନେ ହେଲେ ଶକ୍ତିଶପ୍ତା, ଜୟା, ବିଜୟା, ଘୋରା, ଅଘୋରା, ସୂକ୍ଷ୍ମା ଓ ଜ୍ଞାନା ।

ମହାପ୍ରଭୁ ସ୍ୱୟଂ ଜଗନ୍ନାଥ ତୃତୀୟ ରଥ ନନ୍ଦିଘୋଷରେ ବିଜେ କରନ୍ତି । ଏହି ନନ୍ଦିଘୋଷ ରଥ ଇନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ଅଟେ । ଜଗନ୍ନାଥଙ୍କର ଆୟୁଧ ହେଲା ଚକ୍ର ଓ ଶଙ୍ଖ । ନନ୍ଦିଘୋଷ ରଥର ଉଚ୍ଚତା ହେଲା ତେତିଶ ହାତ ପାଞ୍ଚ ଆଙ୍ଗୁଳି । ଏହା ଆଠଶହ ବତିଶ ଖଣ୍ଡ କାଠରେ ତିଆରି । ରଥରେ ରହିଛି ଷୋହଳଟି ଚକ ଯାହା ଷୋହଳ କଳାର ପ୍ରତୀକ । ରଥର ଆବରଣ ହେଲା ରକ୍ତପୀତ । ରଥର ରକ୍ଷକ ହେଲେ ଗରୁଡ । ରଥମୂର୍ଦ୍ଧନୀ ଦେବତା ହେଲେ କଲ୍ୟାଣ ସୁନ୍ଦର । ରଥର ସାରଥି ହେଲେ ଦାରୁକ । ଦ୍ୱାରପାଳ ଦ୍ୱୟଙ୍କ ନାମ ହେଲା ଜୟ ଓ ବିଜୟ । ରଥର ଚାରି ଅଶ୍ୱ ହେଲେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ । ରଥ ରଜ୍ଜୁ ହେଲା ଶଙ୍ଖ ଚୂଡ ନାମକ ନାଗୁଣୀ । ରଥ ଦେବୀ ହେଲେ ଯୋଗମାୟା । ରଥରେ ନଅଜଣ ପାର୍ଶ୍ୱ ଦେବତାଗଣ ହେଲେ ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନଧାରୀ, ଚିନ୍ତାମଣି, ରାଘବ ଏବଂ ନୃସିଂହ । ରଥର ଶକ୍ତି ହେଲେ ବିମଳା ଓ ବିରଜା । ରଥ ଗର୍ଭାଧିଶ୍ୱର ହେଲେ ଏକପାଦ ନନ୍ଦ ଓ କୁମେର ଚାରଣ । ରଥ ଯକ୍ଷ ହେଲେ ହର୍ଯ୍ୟକ୍ଷ, ରଥର ଉତ୍କର୍ଷଣୀ ହେଲେ ତ୍ରିୟକ୍ଷା, ଯୋଗା, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ମେଧା । ରଥ ଋଷିପଟାରେ ନାରଦ, ଦେବନ୍ଦ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର ଆଦି ଆଠଜଣ ଋଷି ବିରାଜମାନ କରନ୍ତି । ରଥ ଧ୍ୱଜାଧିପତି ହେଲେ ବୀର ହନୁମାନ । ରଥ କୁମ୍ଭର ନାମ ହେଲା ହିରଣ୍ୟନ୍ମୟ । ନନ୍ଦିଘୋଷ ରଥର ନେତ ତ୍ରୈଲୋକ୍ୟ ମୋହିନୀ ଅଟେ । ରଥର ଅଧିଶ୍ୱର ହେଲେ ସ୍ୱୟଂ ଶ୍ରୀଜଗନ୍ନାଥ । ପହଣ୍ଡି ପରେ ତିନି ରଥରେ ତିନି ଠାକୁର ବିରାଜମାନ ହୁଅନ୍ତି । ରଥ ଉପରେ ବିରାଜମାନ ହୋଇଥିବା ତିନି ଠାକୁରଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏନାହିଁ ବୋଲି ବିଶ୍ୱାସ ରହିଛି ।

ସିଂହାସନରୁ ରଥକୁ ଓ ରଥରୁ ସିଂହାସନକୁ ତିନିମୂର୍ତ୍ତି ପହଣ୍ଡି ବିଜେ ହୋଇଆସନ୍ତି । ଗୋଟି ପହଣ୍ଡି ଓ ଧାଡି ପହଣ୍ଡି ଭେଦରେ ପହଣ୍ଡି ଦୁଇପ୍ରକାର । ମହାପ୍ରଭୁମାନଙ୍କୁ ଗୋଟି ଗୋଟି କରି ପହଣ୍ଡି ବିଜେ କରିବାକୁ ଗୋଟି ପହଣ୍ଡି ଓ ଏକାବେଳକେ ମହାପ୍ରଭୁମାନଙ୍କୁ

ବିଜେ କରିବାକୁ ଧାଡି ପହଣ୍ଡି ବିଜେ କୁହାଯାଏ । ଠାକୁରମାନେ ରଥ ଉପରକୁ ବିଜେ ହେଲାବେଳେ ଧାଡି ପହଣ୍ଡି ଓ ରଥରୁ ଉଭୟ ଗୁଣ୍ଡିଚା ମଣ୍ଡପ ବା ଶ୍ରୀମନ୍ଦିରର ସିଂହାସନ ଉପରକୁ ବିଜେ ହେଲାବେଳେ ଗୋଟି ପହଣ୍ଡି ବିଜେ ହୁଅନ୍ତି ।

ଠାକୁରମାନଙ୍କ ପହଣ୍ଡି ବିଜେ ପରେ ପୁରୀର ଠାକୁରରାଜା ନିଜେ ଜଗନ୍ନାଥଙ୍କ ରଥ ଉପରେ ପହଁରନ୍ତି । ରୂପା ପାତ୍ରରେ ଚନ୍ଦନ ପୁଷ୍ପାଦି ସମ୍ଭାରକୁ ରଥ ଉପରେ ବିକ୍ଷିପ୍ତ ଭାବରେ ପକାଇବା ପରେ ଗଜପତି ମହାରାଜା ତାକୁ ସୁବର୍ଣ୍ଣ ମାର୍ଜନିରେ ପହଁରିବା ପରେ ସୁବାସିତ ଜଳ ଛିଞ୍ଚାଯାଏ । ଗଜପତି ମହାରାଜା ଠାକୁରମାନଙ୍କୁ ସେହି ସମୟରେ ସ୍ୱତନ୍ତ୍ର ଭାବରେ ପୂଜା ଆରାଧନା କରନ୍ତି । ଏହି ନୀତିକୁ ଛେରାପହଁରା କୁହାଯାଏ ।

ତା'ପରେ ରଥ ତ୍ରୟରେ ଅଶ୍ୱମାନ ଯୋଚା ଯାଆନ୍ତି । ରଥରେ ସେବାୟତମାନେ ଘଣ୍ଟ, କାହାଳୀ ବଜାନ୍ତି । ରଥରେ ତିନୋଟି ଲେଖାଏଁ ଦଉଡି ବନ୍ଧାଯାଏ । ତା' ପରେ କ୍ରମାନ୍ୱୟରେ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥଗୁଡିକୁ ଭକ୍ତମାନେ ଅତି ଆନନ୍ଦରେ ହରିବୋଲ ଓ ହୁଳହୁଳି ଶବ୍ଦରେ ଗୁଣ୍ଡିଚା ଘର ଆଡକୁ ଟାଣି ନିଅନ୍ତି ।

ଏହି ରଥଯାତ୍ରା ଦେଖିବା ପାଇଁ ଭାରତ ତଥା ପୃଥିବୀର ବିଭିନ୍ନ ଦେଶରୁ ବିଭିନ୍ନ ଜାତି, ଧର୍ମ ଓ ବର୍ଣ୍ଣର ଲୋକମାନେ ବଡଦାଣ୍ଡରେ ଏକତ୍ରିତ ହୁଅନ୍ତି । ସମସ୍ତଙ୍କ ମନରେ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବାର ଚେତନା ଉଦ୍ରେକ ହୋଇଥାଏ ।

ଗୁଣ୍ଡିଚା ମନ୍ଦିରରେ ନବଦିନ ରହିବା ପରେ ରଥ ତ୍ରୟରେ ଠାକୁରମାନେ ବାହୁଡା ଯାତ୍ରା କରନ୍ତି ଓ ସିଂହଦ୍ୱାରରେ ପହଞ୍ଚିବା ପରେ ସୁନାବେଶ ହୁଅନ୍ତି । ସୁନାବେଶ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କର ବଡ ଦାଣ୍ଡରେ ଭିଡ ହୋଇଥାଏ । ଏହାପରେ ଠାକୁରମାନଙ୍କର ବିଭିନ୍ନ ନୀତିମାନ ସମାପନ କରି ଠାକୁରମାନଙ୍କୁ ପହଣ୍ଡି କରି ରତ୍ନସିଂହାସନକୁ ସେବକମାନେ ନେଇଯାଆନ୍ତି ।

ଘର ନଂ- ଏସ୍-୧୧୩, ମୈତ୍ରୀବିହାର
ଭୁବନେଶ୍ୱର

ପ୍ରଭୁ ପାଦେ ଅଭିମାନ

ଖଗେଶ୍ୱର ମହାନ୍ତି

ଜଗନ୍ନାଥ ହୋ ତୋତେ ଦେଉଛି ଗାଳି
ମୋ ଗାଳି କି ତୋତେ ଟଳାଇ ପାରିବ
ଲାଗିବ ତୋତେ ସେ ଚନ୍ଦନ ଭଳି ।

ଗାଳି ଦେଇଥିଲେ ଧୃତରାଷ୍ଟ୍ର ସୁତେ
ଦେଇଦେଲୁ ମୁକ୍ତି ମହାଭାରତେ
ମୋତେ ସେହିପରି ଦେଖାଇ ଦେବୁ କି
ବୈକୁଣ୍ଠ ପୁରକୁ ଯିବା ଅର୍ଗଳି ।

ଗାଳିଦେଲେ ତୋତେ ଯେତେ ଯେତେ ଜନ
ପଠାଇଲୁ ତାଙ୍କୁ ନିଜ ସଦନ
ଶ୍ରୀବସ୍ତ ବ୍ରାହ୍ମଣ ଲାତେକ ମାଇଲା
ବକ୍ଷସ୍ଥଳେ ତାହା ଉଠଇ ଝଳି ।



ଗେହ୍ଲେ ଗାଳିଦେଲେ ଯଶୋମତୀ ମା'
ଦେଖାଇଲୁ ବିଶ୍ୱ କରିଣ ଆଁ
ଇନ୍ଦ୍ର କୋପ କରି ହାରିଥିଲା ଜାଣ
ଦର୍ପ ଚୂର୍ଣ୍ଣ କଲୁ ମନ୍ଦିର ତୋଳି ।

ଏତେ ଗାଳିଦେଲି ନାହିଁ ଟିକେ ଦୁଃଖ
ପ୍ରଭୁ କି ତୁମକୁ ଲାଗିଲା ସୁଖ
ମନେ ଯଦି ଖେଦ ଆହେ ଜଗନ୍ନାଥ
ବାରେ ସୁଦର୍ଶନ ଦେବୁ ତୁ ଚାଳି
ଜଗନ୍ନାଥ ହୋ ତୋତେ ଦେଉଛି ଗାଳି ।

ଗ୍ରା/ପୋ- ନାୟକାଣୀଡିହି
ଜିଲ୍ଲା-ଭଦ୍ରକ